# ଆଜି ଅନୁଗୋଳରୁ ୨୧ ଜଣ କରୋନା ପଜିଟିଭ ଚିହ୍ନଟ ।

## ପଜିଟିଭ ସଂଖ୍ୟା ପହଞ୍ଚିଲା ୨୮୬ ରେ ।

ଅନୁଗୋଳ,୨୮.୦୭ :- ଆଜି ଅନୁଗୋଳ ଜିଲ୍ଲାରୁ ୨୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ବଣ୍ଟାଁରପାଳ ବ୍ଲକ୍ ଅଂଚଳରୁ ସର୍ବାଧିକ ୧୪ ଜଣ, କଣିହାଁ ବ୍ଲକ୍ ଅଂଚଳର ୩ ଜଣ,ତାଳଚେର ବ୍ଲକ୍ ଅଂଚଳର ୨ ଜଣ ଓ ଅନୁଗୋଳ ବ୍ଲକ୍ ଅଂଚଳର ୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ବଣ୍ଟାଁରପାଳ ବ୍ଲକ୍ ଅଂଚଳର ଗୋଟିଏ ପରିବାରର ୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରୁ ୫ ଜଣ ମହିଳା ବୟସ ଯଥାକ୍ରମେ ୪୦,୧୮,୩୫,୨୫ ଓ ୩୫ ବର୍ଷ ଥିବା ବେଳେ ୨ ଜଣ ପୁରୁଷଙ୍କ ବୟସ ୧୩ ଓ ୩୯ ବର୍ଷ । ପୂର୍ବରୁ ଏହି ପରିବାରରୁ ଜଣେ କରୋନା ପଜିଟିଭଙ୍କ ସଂସ୍ପର୍ଶରେ ଏମାନେ ଆସି ପଜିଟିଭ ହୋଇଥିବାର ଜଣାପଡିଛି । ଏହି ବ୍ଲକର ଏକ ଶିଳ୍ପାଂଚଳରୁ ଆକ୍ରାନ୍ତ ହୋଇଥିବା ଅନ୍ୟ ୭ ଜଣଂକ ମଧ୍ୟରେ ଜଣେ ୨୪ ବର୍ଷିୟ ପୁରୁଷ, ୩ ଜଣ ମହିଳା ଯାହାଙ୍କ ବୟସ ଯଥାକ୍ରମେ ୪୪,୧୪ ଓ ୪୫ ବର୍ଷ ଯେଉଁମାନେ କି ଅନ୍ୟ ଆକ୍ରାନ୍ତଂକ ସଂସ୍ପର୍ଶରେ ଆସି କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ଏହି ଶିଳ୍ପାଂଚଳରୁ ଗୋଟିଏ ପରିବାରର ୨ ଜଣଂକ ମଧ୍ୟରେ ଜଣେ ୬୫ ବର୍ଷିୟା ମହିଳା ଏବଂ ଜଣେ ୧୮ ବର୍ଷିୟ ପୁରୁଷ ଅନ୍ୟ ଆକ୍ରାନ୍ତଂକ ସଂସ୍ପର୍ଶରେ ଆସି କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏହାଛଡା ଏହି ଶିଳ୍ପାଂଚଳଳରୁ ଲକ୍ଷଣଯୁକ୍ତ ଜଣେ ୫୩ ବର୍ଷିୟ ପୁରୁଷ ମଧ୍ୟ ଅନ୍ୟ ଆକ୍ରାନ୍ତଂକ ସଂସ୍ପର୍ଶରେ ଆସି କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । କଣିହା ବ୍ଲକ୍ ଅଂଚଳର ଏକ ଅସ୍ଥାୟୀ ମେଡିକାଲ ଶିବିରରୁ ୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଜଣେ ୪୦ ବର୍ଷିୟା ମହିଳା ଏବଂ ଜଣେ ୨୪ ବର୍ଷିୟ ପୁରୁଷ ଗଂଜାମ ଫେରନ୍ତା ହୋଇଥିବା ବେଳେ ୩୪ ବର୍ଷିୟ ପୁରୁଷ ବିଶାଖାପାଟଣାରୁ ଫେରି

ସଂଗରୋଧରେ ଥିଲେ । ତାଲଚେର ବ୍ଲକ୍ ଅଂଚଳର ୨ଜଣ ମହିଳା ବୟସ ଯଥାକ୍ରମେ ୮୨ ଓ ୪୩ ବର୍ଷ ଯେଉଁମାନେ ଅନ୍ୟ ଆକ୍ରାନ୍ତଂକ ସଂସ୍ପର୍ଶରେ ଆସି ହୋମ କ୍ୱାରାଣ୍ଟାଇନ୍‌ରେ ଥିବା ଅବସ୍ଥାରେ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି ।ଅନୁଗୋଳ ବ୍ଲକ୍ ଅଂଚଳରୁ ୨ ଜଣ କରୋନା ଚିହ୍ନଟ ହୋଇଥିବାବେଳେ ସେଥିମଧ୍ୟରୁ ଜଣେ ୨୬ ବର୍ଷିୟ୍ ପୁରୁଷ ଅନ୍ୟ ଆକ୍ରାନ୍ତଂକ ସଂସ୍ପର୍ଶରେ ଆସିଥିବାବେଳେ ଜଣେ ୩୯ ବର୍ଷିୟ୍ ପୁରୁଷ ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ଚିକିତ୍ସାଧିନ ଅବସ୍ଥାରେ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥି ମଧ୍ୟରୁ ୨୦ ଜଣଂକୁ ଆଜି ତାଲଚେର କୋଭିଡ ହସପିଟାଲକୁ ଚିକିତ୍ସା ନିମନ୍ତେ ସ୍ଥାନାନ୍ତର କରାଯାଇଛି ବୋଲି ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ପ୍ରକାଶ କରିଛନ୍ତି । ଏହି ୨୧ ଜଣ ଆକ୍ରାନ୍ତଂକୁ ମିଶାଇ ଜିଲ୍ଲାରେ ଆକ୍ରାନ୍ତଂକ ସଂଖ୍ୟା ୨୮୬ ରେ ପହଂଚିଲା । ଇତି ମଧ୍ୟରେ ଆଜି ୨୨ ଜଣ ସୁସ୍ଥ ହୋଇ କୋଭିଡ କେୟାର ସେଣ୍ଟରକୁ ନିରୀକ୍ଷଣ ନିମନ୍ତେ ସ୍ଥାନାନ୍ତର ହୋଇଛନ୍ତି । ପୂର୍ବରୁ ସୁସ୍ଥ ହୋଇଥିବା ୧୪୯କୁ ମିଶାଇ ସମୁଦାୟ୍ ସୁସ୍ଥଂକ ସଂଖ୍ୟା ୧୭୧ରେ ପହଂଚିଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।

ଜ୍ଞାପକ ସଂଖ୍ୟା. ୪୮୯ ତା.୨୮.୭.୨୦୨୦

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ ।